# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପତ୍ର ସଂଖ୍ୟା ୪୧୪୭ ତାରିଖ : ୨୩.୦୭.୨୦୨୧

## ବିଜ୍ଞାପନ

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ପରିଷଦ ଅଧିନସ୍ଥ ନିମ୍ନ ପୋଖରୀର ନିଲାମି ତା. ୧୫.୦୮.୨୦୨୧ ଠାରୁ ତା. ୧୪.୦୮.୨୦୨୪ (ତିନି ବର୍ଷ) ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିଲାମ କରାଯିବ । ନିଲାମ ସମ୍ବନ୍ଧୀୟ ବିବରଣୀ ତଳଲିଖିତ ସାରଣୀରେ ଦିଆଗଲା । ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟର କାର୍ଯ୍ୟ ଦିବସ ମାନଙ୍କରେ ପହଞ୍ଚି ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଓ ନିୟମ ବାବଦକୁ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ଅଥବା କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ଝୁଲାଇ ଦିଆଯାଇଥିବା ନିଲାମ ଇସ୍ତାହାରକୁ ପଢ଼ି ବୁଝିପାରିବେ ।

| କ୍ର. ନଂ | ପୋଖରୀର ନାମ ଓ ଉପସ୍ଥିତି | ସର୍ବନିମ୍ନ ନିର୍ଦ୍ଧାରିତ ଦର | ଦରଖାସ୍ତ ଫର୍ମର ମୂଲ୍ୟ (ଅଣଫେରସ୍ତ) | ଟେଣ୍ଡର ଫର୍ମ କ୍ରୟ ତାରିଖ ଓ ସମୟ | ଟେଣ୍ଡର ଗ୍ରହଣର ଶେଷ ତାରିଖ | ଟେଣ୍ଡର ଖୋଲିବା ତାରିଖ ଓ ସମୟ |
|---|---|---|---|---|---|---|
| ୧ | ଖୋପେଚରା ପୋଖରୀ, ୱାର୍ଡ ନଂ. ୧୪ | ୨,୬୪,୦୦୦/- | ୪,୦୦୦/- | ତା. ୨୩.୭.୨୦୨୧ ଠାରୁ ତା. ୬.୦୮.୨୦୨୧ ସକାଳ ଘ. ୧୦.୦୦ ରୁ ଅପରାହ୍ନ ଘ. ୫.୦୦ ଟିକା ପର୍ଯ୍ୟନ୍ତ (କାର୍ଯ୍ୟ ଦିବସ ମଧ୍ୟରେ) | ତା.୧୧.୦୮.୨୦୨୧ ଅପରାହ୍ନ ଘ. ୫.୦୦ ଟିକା ପର୍ଯ୍ୟନ୍ତ | ତା.୧୨.୦୮.୨୦୨୧ ଅପରାହ୍ନ ଘ. ୩.୩୦ ଟିକା |
| ୨ | ଏଲ.ଡି. ପଡ଼ା ପୋଖରୀ, ୱାର୍ଡ ନଂ. ୦୬ | ୧,୩୩,୧୦୦/- | ୨,୦୦୦/- | | | |
| ୩ | ବନକା ପୋଖରୀ, ୱାର୍ଡ ନଂ. ୧ | ୩୦,୦୦୦/- | ୫,୦୦/- | | | |
| ୪ | ବନକା ସରାର, ୱାର୍ଡ ନଂ. ୧ | ୪,୫୦୦/- | ୫,୦୦/- | | | |
| ୫ | ବନକା ପୋଖରୀ, ୱାର୍ଡ ନଂ. ୧ (ମାତାଗୁଡ଼ି) ନୂତନ | ୧୫,୦୦୦/- | ୫,୦୦/- | | | |
| ୬ | କୁରମୁଣ୍ଡା ପୋଖରୀ, ୱାର୍ଡ ନଂ. ୦୭ | ୯୦,୦୦୦/- | ୧,୦୦୦/- | | | |
| ୭ | କୁରମୁଣ୍ଡା ସରାର, ୱାର୍ଡ ନଂ. ୦୭ (ନୂଆ) | ୩୦,୦୦୦/- | ୫,୦୦/- | | | |

## ସର୍ତ୍ତାବଳୀ

୧) ନିର୍ଦ୍ଧାରିତ ଦର ଠାରୁ ଅଧିକା ଦରରେ ନିଲାମି ନେବାକୁ ଇଚ୍ଛୁକ ଆବେଦନ କର୍ତ୍ତା ଦେଇଥିବା ଟେଣ୍ଡର ଦର ଅନୁସାରେ ସଂପୂର୍ଣ୍ଣ ରାଶିର ୫୦ ପ୍ରତିଶତ ବ୍ୟାଙ୍କ ଡ୍ରାଫ୍ଟ ଅଥବା ବ୍ୟାଙ୍କର୍ସ ଚେକ ଟେଣ୍ଡର ସହ ଯୋଗ କରିବେ ଏବଂ Executive Officer, NAC Khariar Road ଙ୍କ ନାମରେ ପ୍ରେରଣ କରିବେ ।

୨) ନିଲାମି ଫର୍ମ ତା. ୨୩.୦୭.୨୦୨୧ ଠାରୁ ତା. ୬.୦୮.୨୦୨୧ ଅପରାହ୍ନ ଘ. ୫.୦୦ ପର୍ଯ୍ୟନ୍ତ କାର୍ଯ୍ୟାଳୟର କାର୍ଯ୍ୟ ଦିବସ ମାନଙ୍କରେ କ୍ରୟ କରାଯାଇ ପାରିବ ।

୩) ନିଲାମି ଫର୍ମ ଦର୍ଶାଯାଇଥିବା ମୂଲ୍ୟ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ନାମରେ କେବଳ ଡି.ଡି. ବା ବ୍ୟାଙ୍କର୍ସ ଚେକ ଆକାରରେ ଜମାକରି ପ୍ରାପ୍ତ କରିପାରିବେ ।

୪) ନିଲାମି ଫର୍ମ ପୂରଣ କରି ସାରଣୀରେ ଦର୍ଶାଯାଇଥିବା ସର୍ବାଧିକ ମୂଲ୍ୟର (ଯାହାକି ସର୍ବନିମ୍ନ ଦର ଠାରୁ ଅଧିକ ହେବ) ୫୦% ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ନାମରେ କରାଇ ଜଉମୁଦ ଲଫାପାରେ ଅନ୍ୟାନ୍ୟ କାଗଜ ପତ୍ର ସହିତ ସର୍ତ୍ତାବଳୀରେ ଦର୍ଶାଯାଇଥିବା ଅନୁଯାୟୀ ପୂରଣ କରି କାର୍ଯ୍ୟନିର୍ବାହୀ ଅଧିକାରୀ, ଖରିଆର ରୋଡ଼ ଙ୍କ ଠିକଣାରେ ପଠାଇବେ । ଅନ୍ୟଥା ନିଲାମି ଫର୍ମକୁ ନାକଚ ଫର୍ମକୁ ନାକଚ କରାଯିବ ।

୫) ନିଲାମିରେ ଭାଗ ନେବା ବ୍ୟକ୍ତି ଖରିଆର ରୋଡ଼ ଅଧିବାସୀ ହୋଇଥିବ ଏବଂ ତାଙ୍କ ନାମରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ର କୌଣସି ବକେୟା ନଥିବାର ପ୍ରମାଣ ପତ୍ର ଆବେଦନ ପତ୍ର ସଙ୍ଗେ ସଂଲଗ୍ନ କରିବେ ।

୬) ନିଲାମ ଯାହାଙ୍କ ନାମରେ ସିଦ୍ଧ ହେବ ୭ ଦିନ ମଧ୍ୟରେ ଉକ୍ତ ବ୍ୟକ୍ତି ବଳକା ନିଲାମି ଟଙ୍କା ପଇଠ ନକଲେ ତାଙ୍କର ଜମା ରାଶି ବାଜ୍ୟାପ୍ତ କରାଯିବ ।

(ଅ.ପୃ.ଦେ.)

Scanned with CamScanner

୭) ଇଚ୍ଛୁକ ନିଲାମଧାରୀ ନିଲାମି ଫର୍ମ ସହିତ ତାଙ୍କର (ନିଲାମିରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି) ଏକ ଗୋଟି ରଙ୍ଗୀନ ଫଟୋ ଓ ଖରିଆର ରୋଡ଼ର ଅଧିବାସୀ ହୋଇଥିବାର ପ୍ରମାଣ ପତ୍ର ଯଥା- ଭୋଟର କାର୍ଡ଼ / ରାସନ କାର୍ଡ଼ / ଆଧାର କାର୍ଡ଼ / ଇଲେକ୍ଟ୍ରିକ୍ ବିଲ ଅଥବା ଟେଲିଫୋନ ବିଲରୁ ଯେ କୌଣସି ଏକ ଫଟୋ କପି ସଂଲଗ୍ନ କରିବେ ।

୮) ଦରଖାସ୍ତକାରୀଙ୍କ ଦ୍ୱାରା ପଠାଯାଉଥିବା ଲଉମୁଦ ଲଫାପା ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ସ୍ପିଡ଼ ପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଲଫାପା ଉପରେ କେଉଁ ପୋଖରୀ ନିମନ୍ତେ ଟେଣ୍ଡର ପକାଇବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

୯) ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

୧୦) ନିଲାମିର ଅନ୍ୟାନ୍ୟ ସର୍ତ୍ତାବଲୀ କାର୍ଯ୍ୟଳୟରର କାର୍ଯ୍ୟ ଦିବସମାନଙ୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ବୁଝିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ www.nuapada.nic.in ରୁ ଦେଖି ପାରିବେ ।

୧୧) ଯଦି ଭବିଷ୍ୟତରେ ଦରଖାସ୍ତକାରୀଙ୍କ ସମ୍ବନ୍ଧରେ କୌଣସି ଭୂଲ ତଥ୍ୟ ପ୍ରମାଣିତ ହୁଏ ତେବେ ତାଙ୍କ ନାମରେ ସିଦ୍ଧ ହୋଇଥିବା ନିଲାମକୁ ରଦ୍ଦ କରାଯିବ ।

୧୨) ଅସଫଳ ଡ଼ାକ ମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିକୁ ଆବଣ୍ଟନ ପ୍ରକ୍ରିୟା ଚୂଡ଼ାନ୍ତ ପରେ ଫେରସ୍ତ କରାଯିବ ।

୧୩) କୌଣସି ଅନିବାର୍ଯ୍ୟ କାରଣବଶତଃ କାରଣ ନ ଦର୍ଶାଇ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ସଂରକ୍ଷିତ ।

ପରିପତ୍ର ସଂ. ୪୧୪୮ / ତାରିଖ : ୨୩.୭.୨୦୨୧/

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା / ଉପ-ଜିଲ୍ଲାପାଳ, ନୂଆପଡ଼ା / ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା / ତହସିଲଦାର, ନୂଆପଡ଼ା / ଜିଲ୍ଲା ଶିଳ୍ପ ଅଧିକାରୀ, ଖରିଆର ରୋଡ଼ / ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼ / ଏସ୍.ଡି.ଓ., WESCO, ଖରିଆର ରୋଡ଼ / ଟେଣ୍ଡର କମିଟି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ତାଙ୍କର ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ତଥା ଅବଗତି ଓ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟଳୟର ନୋଟିସ ବୋର୍ଡ ତଥା ସମସ୍ତ ୱାର୍ଡ ଅଫିସରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

23.7.21

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୧୪୯ / ତାରିଖ : ୨୩.୭.୨୦୨୧ /

ଏହାର ଏକକିତା ନକଲ ଟେଣ୍ଡର କମିଟି, ଖରିଆର ରୋଡ଼ ଙ୍କ ଅବଗତି ଓ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

23.7.21

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୧୫୦ / ତାରିଖ : ୨୩.୭.୨୦୨୧/

ଏହାର ଏକକିତା ନକଲ Commissioner-cum-Secretary to Govt., I&PR Deptt. Bhubaneswar ଙ୍କ ନିକଟକୁ ପ୍ରେରଣ କରାଗଲା । ଏକ ଦିନ ନିମନ୍ତେ (୧୨ ସେ.ମି. X ୧୨ ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ଦୈନିକ ଖବର କାଗଜ ପତ୍ରିକାରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

23.7.21

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୧୫୧ / ତାରିଖ : ୨୩.୭.୨୦୨୧ /

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଏହାକୁ ଜିଲ୍ଲା ପୋର୍ଟାଲ (www.nuapada.nic.in) ରେ ଦର୍ଶାଇବେ ।

23.7.21

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

Scanned with CamScanner